# ଭାରତୀୟ ଜୀବନ ବୀମା ନିଗମ

## ବନାମ

## ଶିବ ପ୍ରସାଦ ତ୍ରିପାଠୀ ଏବଂ ଅନ୍ୟମାନେ

## ଜାନୁଆରୀ 18, 1996

## [ଏମ୍.ଏମ୍. ପୁଞ୍ଚି ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ସର୍ବସାଧାରଣ ପରିସର (ଅନଧିକୃତ ଦଖଲକାରୀଙ୍କୁ ବେଦଖଲ) ଅଧିନିୟମ, 1971:*

*ଧାରା 10 - ମାହାଲ ଅଧିକାରୀ ଏବଂ ଅପିଲୀୟ କର୍ତ୍ତୃପକ୍ଷଙ୍କ ଆଦେଶ — ଆଦେଶକୁ ରଦ୍ଦ କରିବା ପାଇଁ ନିଷେଧାଦେଶ ମକଦ୍ଦମା - ବାରଣ ଅଟେ - ଜଣେ ବ୍ୟକ୍ତି ଭଡ଼ାଟିଆ କି ନୁହଁନ୍ତି ସେହି ପ୍ରଶ୍ନର ନ୍ୟାୟିକ ନିଷ୍ପତ୍ତି କ୍ଷମତା ଅପସାରଣ କରାଯାଇ ନାହିଁ - ଏହିପରି ନ୍ୟାୟିକ ନିଷ୍ପତ୍ତି ଘୋଷଣାମୂଳକ ପ୍ରକୃତିର ହେବ ଏବଂ ଏହାର ପରିଣାମ ସ୍ୱରୂପ କିଛି ସିଦ୍ଧାନ୍ତ ମିଳିପାରେ - କୌଣସି ମଧ୍ୟବର୍ତ୍ତୀକାଳୀନ ସୁବିଧା ମିଳିବା ଯୋଗ୍ୟ ନୁହେଁ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2244/1996 ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 276/1995 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 21.2.95 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ଏଚ୍.ଏନ୍. ସାଲଭେ, କୈଳାସ ବାସଦେବ ଏବଂ ସି.କେ. ଶଶି ।

ଉତ୍ତରଦାତା ସଂଖ୍ୟା 1 ଙ୍କ ତରଫରୁ ଏସ୍.ଆର୍. ସୀତାରାମନ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଦେୱାନୀ ଆଜ୍ଞାଦେଶ ଆବେଦନ ସଂଖ୍ୟା 276/1995 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ନ୍ୟାୟମୂର୍ତ୍ତିଙ୍କ ଏକ ଖଣ୍ଡପୀଠଙ୍କ ଦ୍ୱାରା 21.2.1995 ତାରିଖରେ ପାରିତ ହୋଇଥିବା ନିଷ୍ପତ୍ତି ଏବଂ ଆଦେଶ ବିରୁଦ୍ଧରେ ଏହା ଏକ ଅପିଲ । ସେହି ଆଦେଶ ଅନୁସାରେ ବମ୍ବେସ୍ଥିତ ଲଘୁ ବିବାଦ ଅଦାଲତକୁ କ୍ଷେତ୍ରାଧିକାର ପ୍ରଦାନ କରିବା ଦିଗରେ କେତେକ ନିର୍ଦ୍ଦେଶ ଦିଆଯାଇଛି, ଯାହାକି *ପ୍ରାଥମିକ ଦୃଷ୍ଟିରୁ* ଏହି ଅଦାଲତ ପାଇବା ନିଷିଦ୍ଧ ଅଟେ ।

ଉତ୍ତରଦାତା ଶିବ ପ୍ରସାଦ ତ୍ରିପାଠୀ, ଅପିଲକାରୀ-ଭାରତୀୟ ଜୀବନ ବୀମା ନିଗମର ଜଣେ କର୍ମଚାରୀ ଥିଲେ ଏବଂ ସେହି ଆଧାରରେ ତାଙ୍କୁ ଏହାର ମାଲିକାନା ଏବଂ ଦଖଲରେ ଥିବା ପରିସର ଆବଣ୍ଟନ କରାଯାଇଥିଲା । ତାଙ୍କର ଚାକିରି ଅବଧି ସମାପ୍ତ ହେବା ପରେ, ଉତ୍ତରଦାତାଙ୍କୁ ଉକ୍ତ ପରିସର ଖାଲି କରିବାକୁ କୁହାଯାଇଥିଲା । ସେ ଏପରି କରିବାକୁ ମନା କରିବାରୁ, ନିଗମର ମାହାଲ ଅଧିକାରୀ ସର୍ବସାଧାରଣ ପରିସର (ଅନଧିକୃତ ଦଖଲକାରୀଙ୍କୁ ବେଦଖଲ) ଅଧିନିୟମ, 1971 (ସଂକ୍ଷେପରେ 'ଅଧିନିୟମ') ର ଧାରା 7 ଅନ୍ତର୍ଗତ ତାଙ୍କ ବିରୁଦ୍ଧରେ କାହିଁକି ଉପଯୁକ୍ତ ଆଦେଶ ପାରିତ କରାଯିବ ନାହିଁ, ସେଥିପାଇଁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଉତ୍ତରଦାତାଙ୍କ ଦ୍ୱାରା ଦର୍ଶାଯାଇଥିବା କାରଣ ମାହାଲ ଅଧିକାରୀଙ୍କୁ ସନ୍ତୋଷଜନକ ମନେ ହୋଇନଥିଲା ଏବଂ ଏହିପରି ଭାବେ ବେଦଖଲ ଆଦେଶ ପାରିତ ହୋଇଥିଲା । ବମ୍ବେସ୍ଥିତ ସହରୀ ଦେୱାନୀ ନ୍ୟାୟାଳୟରେ ଉତ୍ତରଦାତାଙ୍କ ଦ୍ୱାରା କରାଯାଇଥିବା ଅପିଲରେ ଉକ୍ତ ଆଦେଶକୁ ଆପତ୍ତି କରାଯାଇଥିଲେ ମଧ୍ୟ ତାହା ଅସଫଳ ହୋଇଥିଲା । ଅପିଲୀୟ ଅଦାଲତରେ ଉତ୍ତରଦାତାଙ୍କର ଏହି ଯୁକ୍ତି ଯେ ସେ ବିବାଦୀୟ ପରିସରରେ ଜଣେ ଭଡ଼ାଟିଆ ଥିଲେ ଏବଂ ତାଙ୍କର ଦଖଲ ଅଧିକାରର ସୁରକ୍ଷା ରହିଛି, ତାହାକୁ ଗ୍ରହଣ କରାଯାଇନଥିଲା ଏବଂ ବିଷୟଟିକୁ ଅମୀମାଂସିତ ରଖାଯାଇଥିଲା ।

ଏହାପରେ ଉତ୍ତରଦାତା, ମାହାଲ ଅଧିକାରୀ ଏବଂ ଅପିଲୀୟ କର୍ତ୍ତୃପକ୍ଷଙ୍କ ଆଦେଶକୁ ଆପତ୍ତି କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଆଜ୍ଞାଦେଶ କ୍ଷେତ୍ରାଧିକାରର ଦ୍ୱାରସ୍ଥ ହୋଇଥିଲେ । ଯଦିଓ ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ବେଦଖଲ ପାଇଁ ଥିବା ଆଧାରଗୁଡ଼ିକୁ ଖଣ୍ଡନ କରିପାରିନଥିଲେ, ସେ ଏହି ନିରାଶାଜନକ ଯୁକ୍ତିରେ ଅଟଳ ରହିଥିଲେ ଯେ ଯଦି ସେ ନିଜର ପ୍ରଜାସ୍ୱତ୍ତ୍ୱ ଅଧିକାର ସାବ୍ୟସ୍ତ କରିବା ପାଇଁ ଲଘୁ ବିବାଦ ଅଦାଲତକୁ ଯାଆନ୍ତି, ତେବେ ମଧ୍ୟବର୍ତ୍ତୀକାଳୀନ ସମୟରେ ତାଙ୍କର ଦଖଲ ଅଧିକାରକୁ ଲଘୁ ବିବାଦ ଅଦାଲତ ସୁରକ୍ଷା ଦେଇପାରିବେ ନାହିଁ । ଏହାର କାରଣ ହେଉଛି ଅଧିନିୟମର ଧାରା 10, ଯାହା ଏହିପରି ଅଟେ:

> "10. ଏହି ଅଧିନିୟମରେ ଅନ୍ୟଥା ସ୍ପଷ୍ଟ ଭାବେ ବ୍ୟବସ୍ଥିତ ହୋଇଥିବା ବ୍ୟତୀତ, ଏହି ଅଧିନିୟମ ଅନ୍ତର୍ଗତ ଜଣେ ମାହାଲ ଅଧିକାରୀ କିମ୍ବା ଅପିଲୀୟ ଅଧିକାରୀଙ୍କ ଦ୍ୱାରା ଦିଆଯାଇଥିବା ପ୍ରତ୍ୟେକ ଆଦେଶ ଚୂଡ଼ାନ୍ତ ହେବ ଏବଂ ଏହାକୁ କୌଣସି ମୂଳ ମକଦ୍ଦମା, ଆବେଦନ କିମ୍ବା କାର୍ଯ୍ୟକାରୀ ପ୍ରକ୍ରିୟାରେ ପ୍ରଶ୍ନ କରାଯାଇପାରିବ ନାହିଁ ଏବଂ ଏହି ଅଧିନିୟମ ଦ୍ୱାରା କିମ୍ବା ଏହା ଅଧୀନରେ ପ୍ରଦତ୍ତ କୌଣସି

> କ୍ଷମତାର ଅନୁସରଣରେ କରାଯାଇଥିବା କିମ୍ବା କରାଯିବାକୁ ଥିବା କୌଣସି କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ କୌଣସି ନ୍ୟାୟାଳୟ କିମ୍ବା ଅନ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ନିଷେଧାଦେଶ ପ୍ରଦାନ କରାଯାଇପାରିବ ନାହିଁ" ।

ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଉତ୍ତରଦାତାଙ୍କୁ ଏହି ଆଧାରରେ କିଛିଟା ସୁଯୋଗ ପ୍ରଦାନ କରାଯାଇଥିଲା ଯେ, ପ୍ରଜାସ୍ୱତ୍ୱ ସମ୍ପର୍କିତ ପ୍ରଶ୍ନଟି ସମ୍ପତ୍ତି ସହିତ ଜଡ଼ିତ, ଯେଉଁ ଯୁକ୍ତିର ନ୍ୟାୟିକ ନିଷ୍ପତ୍ତି କୌଣସି ନ୍ୟାୟାଳୟ କିମ୍ବା ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ କରାଯାଇପାରିବ । ଏଥିସହ ସେହି ନ୍ୟାୟାଳୟ କିମ୍ବା କର୍ତ୍ତୃପକ୍ଷ ଏକ ନିଷିଦ୍ଧାଦେଶ କିମ୍ବା ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିପାରିବେ ଏବଂ ଏପରି ନିର୍ଦ୍ଦେଶ ପ୍ରଦାନ କରିବା କ୍ଷେତ୍ରରେ କୌଣସି ପ୍ରକାର ବାଧା ସୃଷ୍ଟି କରାଯାଇପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ଲଘୁ ବିବାଦ ଅଦାଲତର ବିଚାରପତି, ଉତ୍ତରଦାତାଙ୍କ ଦ୍ୱାରା ମକଦ୍ଦମାରେ ଉଠାଯାଇଥିବା ପ୍ରଜାସ୍ୱତ୍ୱ ସମ୍ପର୍କିତ ପ୍ରଶ୍ନର ନ୍ୟାୟିକ ନିଷ୍ପତ୍ତି କରିବେ ଏବଂ ସେହି ସ୍ଥିତିରେ ଉକ୍ତ ନ୍ୟାୟାଳୟ ଯେକୌଣସି ମଧ୍ୟବର୍ତ୍ତୀକାଳୀନ ଆଦେଶ କିମ୍ବା ନିଷିଦ୍ଧାଦେଶ ଜାରି କରିବାକୁ ସକ୍ଷମ ହେବେ ଯେଉଁଥିପାଇଁ ଉତ୍ତରଦାତା ହକଦାର ବୋଲି ଜଣାପଡ଼ିବେ । ଏହା ବ୍ୟତୀତ, ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ଆଦେଶ ଦେଇଛନ୍ତି ଯେ, ଲଘୁ ବିବାଦ ଅଦାଲତରେ ମଧ୍ୟବର୍ତ୍ତୀକାଳୀନ ପ୍ରତିକାର ପାଇଁ ଆବେଦନ ଉପରେ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ମାହାଲ ଅଧିକାରୀ ଏବଂ ଅପିଲୀୟ କର୍ତ୍ତୃପକ୍ଷଙ୍କ ବିବାଦୀୟ ଆଦେଶଗୁଡ଼ିକ ସ୍ଥଗିତ ରହିବ । ଏହି ହିଁ ବର୍ତ୍ତମାନର ଆପତ୍ତିର କାରଣ ସାଜିଛି ।

ଆମେ ଦୁଃଖର ସହିତ କହୁଛୁ ଯେ, ଅଧିନିୟମର ଧାରା 10 ଅନ୍ତର୍ଗତ ଥିବା ବାରଣକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରିବା କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ଧାରା 10 କୁ ପୃଥକ ଭାବେ ନଦେଖି, ଏହାର ସମର୍ଥନରେ ଥିବା ଅଧିନିୟମର ଅନ୍ୟାନ୍ୟ ବ୍ୟବସ୍ଥାଗୁଡ଼ିକର ପରିପ୍ରେକ୍ଷୀରେ ବୁଝିବାକୁ ହେବ । ସ୍ପଷ୍ଟ ଭାବେ, ସେହି ଦୁଇ କର୍ତ୍ତୃପକ୍ଷଙ୍କ ଆଦେଶକୁ ରଦ୍ଦ କରିବା ପାଇଁ ଏକ ନିଷିଦ୍ଧାଦେଶ ମକଦ୍ଦମା ଧାରା 10 ଅନ୍ତର୍ଗତ ବାରଣ କରାଯାଇଛି । ବୈଧାନିକ ନିର୍ଦ୍ଦେଶ ଥିଲା ଯେ, କୌଣସି ନ୍ୟାୟାଳୟ ଆଦେଶ ମାଧ୍ୟମରେ ମାହାଲ ଅଧିକାରୀ ଏବଂ ଅପିଲୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ଆଦେଶର କାର୍ଯ୍ୟକାରିତାକୁ ବାଧା ଦେଇପାରିବେ ନାହିଁ । ଅନ୍ୟଥା, ଜଣେ ବ୍ୟକ୍ତି ଭଡ଼ାଟିଆ କି ନୁହଁନ୍ତି ସେହି ପ୍ରଶ୍ନର ନ୍ୟାୟିକ ନିଷ୍ପତ୍ତି ନେବା ପାଇଁ ନ୍ୟାୟାଳୟଙ୍କର ଯେଉଁ କ୍ଷମତା ରହିଛି, ତାହାକୁ ଧାରା 10 କୌଣସି ପ୍ରକାରେ ଅପସାରଣ କରିନାହିଁ । ତେବେ, ଏହି ନ୍ୟାୟିକ ନିଷ୍ପତ୍ତି ଘୋଷଣାମୂଳକ ପ୍ରକୃତିର ହେବ ଏବଂ

ଏହାର ପରିଣାମ ସ୍ୱରୂପ କିଛି ସିଦ୍ଧାନ୍ତ ମିଳିପାରେ । ତେବେ କୌଣସି ମଧ୍ୟବର୍ତ୍ତୀକାଳୀନ ସୁବିଧା ମିଳିବା ଯୋଗ୍ୟ ନୁହେଁ । ତେଣୁ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ସହିତ ସହମତ ନାହୁଁ ଯେ, ଅପିଲକାରୀ ଏହି ଅଧିନିୟମ ଅନ୍ତର୍ଗତ ଯାହା କିଛି ହାସଲ କରିଛନ୍ତି, ତାହା କେବଳ ଉତ୍ତରଦାତାଙ୍କର ଭଡ଼ାଟିଆ ହେବାର ଯୁକ୍ତି ବିଚାରାଧୀନ ଥିବା କାରଣରୁ ବାତିଲ ହୋଇଯିବ । ତେଣୁ, ଆମେ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ଆଦେଶକୁ ରଦ୍ଦ କରୁଛୁ ଏବଂ ଉଚ୍ଚ ନ୍ୟାୟାଳୟରେ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆଜ୍ଞାଦେଶ ଆବେଦନକୁ ଖାରଜ କରୁଛୁ ।

ତଥାପି, ଉତ୍ତରଦାତାଙ୍କ ବିଜ୍ଞ ଅଧିବକ୍ତା ଆମକୁ ଦୁଇଟି ପ୍ରତିକାର ପ୍ରଦାନ କରିବା ପାଇଁ ସମ୍ମତ କରାଇବାରେ ସଫଳ ହୋଇଛନ୍ତି, ଯଥା: (i) ଉତ୍ତରଦାତାଙ୍କୁ ତୁରନ୍ତ ବେଦଖଲ କରାଯିବ ନାହିଁ ଏବଂ ପରିସର ଖାଲି କରିବା ପାଇଁ ତାଙ୍କୁ ଛଅ ମାସ ସମୟ ଦିଆଯିବ; ଅବଶ୍ୟ, ଏଥିପାଇଁ ତାଙ୍କୁ ଆଜିଠାରୁ ଚାରି ସପ୍ତାହ ମଧ୍ୟରେ ଏହି ନ୍ୟାୟାଳୟଙ୍କ ସମ୍ମୁଖରେ ଏକ ସାଧାରଣ ପ୍ରତିଶ୍ରୁତିପତ୍ର ଦାଖଲ କରିବାକୁ ହେବ ଯେ ସେ ପରିସର ଖାଲି କରିଦେବେ, ଯେଉଁଥିରେ ପ୍ରଦେୟ ଭଡ଼ା କିମ୍ବା କ୍ଷତିପୂରଣର ପରିମାଣ ବିଷୟରେ କୌଣସି ଉଲ୍ଲେଖ ରହିବ ନାହିଁ; ଏବଂ (ii) ଦୁଇ ମାସ ମଧ୍ୟରେ, ଅପିଲକାରୀ ଉତ୍ତରଦାତାଙ୍କର ପ୍ରାପ୍ୟ ଅବସରକାଳୀନ ସୁବିଧା ଯଥା ଭବିଷ୍ୟନିଧି, ଆନୁତୋଷିକ ଇତ୍ୟାଦି, ଯାହା ଆଇନଗତ ଭାବେ ତାଙ୍କର ପ୍ରାପ୍ୟ, ତାହା ପ୍ରଦାନ କରିବାକୁ ବାଧ୍ୟ ରହିବେ, ଯଦ୍ୱାରା ଏହି ସମୟ ମଧ୍ୟରେ ଅନ୍ୟ ଏକ ରହିବା ସ୍ଥାନ ଖୋଜିବା ପାଇଁ ତାଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ରହିବ ।

ଅପିଲକାରୀଙ୍କୁ ସେହି ଅନୁସାରେ ନିର୍ଦ୍ଦେଶ ଦିଆଯାଉଛି ।

ଭଡ଼ା କିମ୍ବା କ୍ଷତିପୂରଣର ପ୍ରଶ୍ନଟିକୁ ଅମୀମାଂସିତ ରଖାଯାଉଛି । ଅପିଲକାରୀ ଉଦାରତାର ସହ ପ୍ରକାଶ କରିଛନ୍ତି ଯେ, ଯଦି ଉତ୍ତରଦାତା ପ୍ରଦେୟ ଭଡ଼ା କିମ୍ବା କ୍ଷତିପୂରଣ ଛାଡ଼ କରିବା ପାଇଁ ଅପିଲକାରୀଙ୍କ ନିକଟରେ ଏକ ପ୍ରତିବେଦନ କରନ୍ତି, ତେବେ ଅପିଲକାରୀ ସେହି ପ୍ରତିବେଦନକୁ ସହାନୁଭୂତିର ସହ ବିଚାର କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି । ଏହା ସେହି ଅନୁସାରେ ଆଦେଶ ଦିଆଯାଉଛି ।

ଉପରୋକ୍ତ ଆଲୋଚନାକୁ ଭିତ୍ତି କରି ଏହି ଅପିଲଟିକୁ ମଞ୍ଜୁର କରାଯାଉଛି । ତେବେ, ଉତ୍ତରଦାତାଙ୍କୁ ପ୍ରଦାନ କରାଯାଇଥିବା ବ୍ୟକ୍ତିଗତ ପ୍ରତିକାର କାରଣରୁ ଏହି ବିଷୟଟି ତାଙ୍କ ପାଇଁ ଚୂଡ଼ାନ୍ତ ଭାବେ ସମାପ୍ତ ହେଲା । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଏନ୍.                                                    ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**